# NATIONAL NEWS BULLETIN (ODIA)

## 18 March - 2024

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ମାଲେଠାରେ ଭାରତ-ମାଳଦ୍ୱୀପ ଉଚ୍ଚସ୍ତରୀୟ କୋର ଗ୍ରୁପର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।
- ନୂଆଦିଲ୍ଲୀରେ ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରଦର୍ଶିତ କରୁଥିବା ଅନ୍ୟତମ ବୃହତ୍ତମ କାର୍ଯ୍ୟକ୍ରମ ଷ୍ଟାର୍ଟଅପ୍ ମହାକୁମ୍ଭ ଆଜି ଆରମ୍ଭ ହେବ ।
- ତେଲେଙ୍ଗାନାର ଜଗତିଆଲଠାରେ ଆଜି ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ବିଜୟ ସଂକଳ୍ପ ସଭାରେ ଯୋଗଦେବେ ।
- 'ଲାମିଟି-୨୦୨୪' ର ଦଶମ ସଂସ୍କରଣ ଆଜିଠାରୁ ସେସେଲ୍ସ ଠାରେ ଆରମ୍ଭ ହେବ ।

ଏବଂ

- ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ଫାଇନାଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଚାମ୍ପିୟନ ହୋଇଛି ।

# ଇଣ୍ଡିଆ ମାଲଦିବ୍ସ ଏଚ୍ଏଲ୍ସିଜି

ମାଲେଠାରେ ଭାରତ-ମାଲଦ୍ୱୀପ ଉଚ୍ଚସ୍ତରୀୟ କୋର ଗ୍ରୁପର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉଭୟପକ୍ଷ ଭାରତୀୟ ବୈଷୟିକ କର୍ମଚାରୀମାନଙ୍କୁ ନିୟୋଜିତ କରିବାର ସମୀକ୍ଷା କରିଥିଲେ । ଏହି ଅବସରରେ ସାଧାରଣ ଲୋକଙ୍କୁ ମାନବିକ ସେବା ପ୍ରଦାନ କରୁଥିବା ଭାରତୀୟ ବିମାନ ଚଳାଚଳ ପ୍ଲାଟଫର୍ମକୁ ଜାରି ରଖିବାକୁ ସହାୟକ ହେବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି। ଭାରତ ଓ ମାଳଦ୍ୱୀପ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଓ ପୁଞ୍ଜିନିବେଶ କୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା । ସୂଚନାଯୋଗ୍ୟ, ମାଳଦ୍ୱୀପରେ ଥିବା ଭାରତୀୟ ଯବାନଙ୍କ ପ୍ରଥମ ବ୍ୟାଚ୍ ସ୍ଥାନରେ ବୈଷୟିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି। ଉଚ୍ଚସ୍ତରୀୟ କୋର ଗ୍ରୁପର ପରବର୍ତ୍ତୀ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ କରିବାକୁ ଉଭୟ ଦେଶ ସହମତି ଦେଇଛନ୍ତି।

# ଷ୍ଟାର୍ଟଅପ୍‌-ମହାକୁମ୍ଭ

ନୂଆଦିଲ୍ଲୀରେ ଭାରତର ଷ୍ଟାର୍ଟଅପ୍‌ ଇକୋସିଷ୍ଟମକୁ ପ୍ରଦର୍ଶିତ କରୁଥିବା ଅନ୍ୟତମ ବୃହତ୍ତମ କାର୍ଯ୍ୟକ୍ରମ ଷ୍ଟାର୍ଟଅପ୍‌ ମହାକୁମ୍ଭ ଆଜି ଆରମ୍ଭ ହେବ। ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଭାରତ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଏଆଇ, ବି୨ବି, ଏଗ୍ରିଟେକ୍‌, ଡିପଟେକ୍‌, କ୍ଲାଇମେଟ୍‌ ଟେକ୍‌, ଗେମିଂ, ଇସ୍ପୋର୍ଟସ୍‌, ଫିନଟେକ୍‌, ଇନକ୍ୟୁବେଟର ଓ ଆକ୍ସେଲେଟର ଆଦି କ୍ଷେତ୍ର ଭିତ୍ତିକ ପ୍ୟାଭିଲିୟନ ରହିବ। ଏହି ଷ୍ଟାର୍ଟଅପ୍‌ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଷ୍ଟାର୍ଟଅପ୍‌ ଗୁଡ଼ିକୁ ଭେଞ୍ଚର କ୍ୟାପିଟାଲିଷ୍ଟ, ନିବେଶକ ଏବଂ ସମ୍ଭାବ୍ୟ କର୍ପୋରେଟ୍‌ ଅଂଶୀଦାରଙ୍କ ସମେତ ଅନେକ ଉଦ୍ଭାବକଙ୍କ ସହିତ ଯୋଡ଼ିବା । ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ସଚିବ ରାଜେଶ କୁମାର ସିଂହ କହିଛନ୍ତି ନୂଆଦିଲ୍ଲୀରେ ଏତେ ବଡ଼ ଧରଣର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶ୍ରୀ ସିଂହ କହିଛନ୍ତି ଯେ ଭାରତରେ ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍‌ ଇକୋସିଷ୍ଟମ୍‌ ରହିଛି ଏବଂ ପ୍ରତିଦିନ ବହୁ ସଂଖ୍ୟକ ଷ୍ଟାର୍ଟଅପ୍‌ ଇକୋସିଷ୍ଟମ୍‌ ଏହି ତାଲିକାରେ

ଯୋଡ଼ି ହେଉଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ ବୋଲି ଜଣାପଡ଼ିଛି। ଏହି ମେଗା ଇଭେଣ୍ଟରେ ଦୁଇ ହଜାରରୁ ଅଧିକ ଷ୍ଟାର୍ଟଅପ୍, ତିରିଶ ହଜାର ଭବିଷ୍ୟତ ଉଦ୍ୟୋଗୀ, ୫୦ ହଜାର ବ୍ୟବସାୟୀ ପରିଦର୍ଶକ, ହଜାର ହଜାର ପୁଞ୍ଜିନିବେଶକ ଓ ଦଶଟି ଦେଶର ପାଞ୍ଚଶହରୁ ଅଧିକ ଇନକ୍ୟୁବେଟର ଏବଂ ପ୍ରତିନିଧି ଦଳ ଅଂଶଗ୍ରହଣ କରିବେ।

# ପିଏମ୍-ଫର୍ମୁଲା କାର୍ ଶୋ ଜେକେ

ଶ୍ରୀନଗରର ଡାଲ ହ୍ରଦ କୂଳରେ ଆୟୋଜିତ ପ୍ରଥମ ଫର୍ମୁଲା-୪ କାର୍ ଶୋ' ଜମ୍ମୁ-କଶ୍ମୀରର ସୌନ୍ଦର୍ଯ୍ୟକୁ ପ୍ରଦର୍ଶିତ କରିବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଏହା ଦେଖି ସେ ଆନନ୍ଦିତ ଅଛନ୍ତି ବୋଲି କହିଛନ୍ତି । ଏହା ଜମ୍ମୁ-କଶ୍ମୀରର ସୌନ୍ଦର୍ଯ୍ୟକୁ ଆହୁରି ପ୍ରଦର୍ଶିତ କରିବାରେ ସହାୟକ ହେବ। ଭାରତ ମୋଟରସ୍ପୋର୍ଟସକୁ ଆଗକୁ ବଢିବା ପାଇଁ ବହୁତ ଭଲ ସୁଯୋଗ ପ୍ରଦାନ କରୁଛି ଏବଂ ଶ୍ରୀନଗର ସେହି ସ୍ଥାନଗୁଡିକର ଶୀର୍ଷରେ ଅଛି ଯେଉଁଠାରେ ଏହା

ହୋଇପାରେ ! ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଜଣେ ବ୍ୟକ୍ତିଙ୍କ ପୋଷ୍ଟ ପ୍ରଧାନମନ୍ତ୍ରୀ ସେୟାର କରିଛନ୍ତି । 'ମେରା କାଶ୍ମୀର ବଦଲ ରହା ହୈ-ପିଏମ ମୋଦୀ କାଶ୍ମୀରକୁ ବଦଳାଇ ଦେଇଛନ୍ତି' ବୋଲି ଏହା ଉଲ୍ଲେଖ ରହିଛି । ଶ୍ରୀନଗରର ଡାଲ ହ୍ରଦ କୂଳରେ ଗତକାଲି ପ୍ରଥମ ଫର୍ମୁଲା-୪ କାର୍ ସୋ ଅନୁଷ୍ଠିତ ହୋଇଥିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

## ତେଲେଙ୍ଗାନା-ପିଏମ୍ ଭିଜିଟ୍

ତେଲେଙ୍ଗାନାର ଜଗତିଆଲଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହେବାକୁ ଥିବା ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀଙ୍କ ବିଜୟ ସଂକଳ୍ପ ସଭା ପାଇଁ ରାଜ୍ୟ ବିଜେପି ନେତାମାନଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଚୂଡାନ୍ତ ହୋଇଛି । ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଗୀତା ବିଦ୍ୟାଳୟମ ପଡ଼ିଆରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ନିଜାମାବାଦ, କରିମନଗର ଏବଂ ପେଡାପଲ୍ଲୀ ସଂସଦୀୟ କ୍ଷେତ୍ରର ବିଜେପି ପ୍ରାର୍ଥୀମାନେ ମଧ୍ୟ ଏହି ସମାବେଶରେ ଯୋଗ ଦେବେ । ଲୋକସଭା ସଦସ୍ୟ ଅରବିନ୍ଦ ଧର୍ମପୁରୀ

ଏବଂ ଦଳର ନିଜାମାବାଦ ଜିଲ୍ଲା ସଭାପତି କେ.ଦିନେଶ କୁମାର ଏହି ସାଧାରଣ ସଭା ଆୟୋଜନର ସମୀକ୍ଷା କରିଥିଲେ। ଗତ ୫ ଦିନ ମଧ୍ୟରେ ତେଲେଙ୍ଗାନାରେ ଶ୍ରୀ ମୋଦୀଙ୍କ ଏହା ତୃତୀୟ କାର୍ଯ୍ୟକ୍ରମ। ଦେଶର ଦକ୍ଷିଣ ଭାଗରେ ୫ ରାଜ୍ୟ ଗସ୍ତରେ ଆସି ସେ ଦୁଇ ଦିନ ତଳେ ମାଲକାଜ ଗିରିଠାରେ ଏକ ମେଗା ରୋଡ୍ ସୋ'ରେ ଯୋଗ ଦେଇଥିଲେ ଏବଂ ନାଗରକୁର୍ଣ୍ଣୁଲଠାରେ ବିଜୟା ସଂକଳ୍ପ ସଭାକୁ ସମ୍ବୋଧିତ କରିଥିଲେ।

## ସିଏଏ ଶିଖ୍ କମ୍ୟୁନିଟି

ନାଗରିକତା ସଂଶୋଧନ ଆଇନ (ସିଏଏ) ଲାଗୁ ହେବାର କିଛି ଦିନ ପରେ ଶିଖ୍ ସମ୍ପ୍ରଦାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଦେଇଥିବା ମନ୍ତବ୍ୟକୁ ସେମାନେ ସମାଲୋଚନା କରିଛନ୍ତି । ପୂର୍ବରୁ କେଜ୍ରିଓ୍ୱାଲ କହିଥିଲେ ଯେ ସିଏଏ ଲାଗୁ ହେବା କାରଣରୁ ସ୍ୱାଧୀନତା ପରେ ଯେତିକି ସ୍ଥାନାନ୍ତର ହୋଇଥିଲା, ଏବେ ତା'ଠାରୁ ଅଧିକ ସ୍ଥାନାନ୍ତର ହେବ। ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିବ ଏବଂ ପରବର୍ତ୍ତୀ ସମୟରେ ଚୋରି, ଡକାୟତି ଓ ଦୁଷ୍କର୍ମ ବୃଦ୍ଧି ପାଇବ ବୋଲି ସେ ଦାବି କରିଛନ୍ତି।

କେଜ୍ରିଓ୍ୱାଲଙ୍କ ମନ୍ତବ୍ୟକୁ ଉଲ୍ଲେଖ କରି ଗୁରୁଦ୍ୱାର ମୁଖ୍ୟ ଗୁରଦୀପ କୌର କହିଛନ୍ତି ସିଏଏ ଲାଗୁ ହୋଇଥିବାରୁ ସେ ବହୁତ ଆନନ୍ଦିତ ଏବଂ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଦେଇଛନ୍ତି ।

ଲୋକସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବାର କିଛି ଦିନ ପୂର୍ବରୁ ମାର୍ଚ୍ଚ ୧୧ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନାଗରିକତା ସଂଶୋଧନ ଆଇନ (ସିଏଏ)ର ନିୟମାବଳୀ ବିଜ୍ଞପ୍ତି ଜାରି କରିଥିଲା ।

## ଶେଖ ଆଲମଗିର ସିବିଆଇ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀଙ୍କ ଉପରେ ଗତ ଜାନୁଆରୀ ୫ ତାରିଖରେ ହୋଇଥିବା ଆକ୍ରମଣ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଶେଖ୍ ଶାହାଜାହାନଙ୍କ ଭାଇ ଶେଖ୍ ଆଲମଗିରଙ୍କୁ କେନ୍ଦ୍ରୀୟ ଏଜେନ୍ସିର ୫ ଦିନିଆ ହେପାଜତକୁ ପଠାଇ ଦିଆଯାଇଛି । ଆଲମଗିରଙ୍କ ଓକିଲ ରାଜା ଭୌମିକ କହିଛନ୍ତି ଶେଖ ଆଲମଗିରଙ୍କୁ ୧୪ ଦିନିଆ ପୁଲିସ ହେପାଜତରେ ରଖିବାକୁ କୁହାଯାଇଥିଲା, କିନ୍ତୁ ଶୁଣାଣି ପରେ କୋର୍ଟ ୫ ଦିନ ପାଇଁ ସିବିଆଇ ହେପାଜତରେ ରହିବାକୁ ଅନୁମତି ଦେଇଛନ୍ତି । ଇଡି ଉପରେ ଆକ୍ରମଣ କରିଥିବା ଅଭିଯୋଗରେ ସିବିଆଇ ଗିରଫ ହୋଇଥିବା ସାନ୍ଦେଶଖାଲି

ନେତା ଶେଖ ଶାହାଜାହାଁଙ୍କ ଭାଇ ଶେଖ୍ ଆଲମଗିର ଏବଂ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଦିଦାର ବକ୍ସ ମୋଲ୍ଲା, ଫାରୁକ୍ ଅକୁଞ୍ଜି ଓ ଜିଆଉଦ୍ଦିନ୍ ମୋଲ୍ଲା ।

## ଡବ୍ଲ୍ୟୁପିଏଲ୍ ରେଜଲ୍ଟ

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ଫାଇନାଲ୍ ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର' ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ୱିକେଟ୍ ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଦିଲ୍ଲୀ କ୍ୟାପିଟାଲ୍ସ ଧାର୍ଯ୍ୟ କରିଥିବା ୧୧୪ ରନର ଲକ୍ଷ୍ୟକୁ ପିଛା କରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୩ ଓଭରରେ ୨ ୱିକେଟ୍ ହରାଇ ୧୧୫ ରନ୍ କରିଥିଲା। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଏଲିସ୍ ପେରି ସର୍ବାଧିକ ୩୫ ରନ୍ କରିଥିବା ବେଳେ ସୋଫି ଡିଭିନ୍ ୩୨ ଓ ସ୍ମୃତି ମନ୍ଧାନା ୩୧ ରନ୍ କରିଥିଲେ। ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ୧୮ ଦଶମିକ ୩ ଓଭରରେ ୧୧୩ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଶେଫାଳି ବର୍ମା ସର୍ବାଧିକ ୪୪ ରନ୍ କରିଥିଲେ।

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଶ୍ରେୟାଙ୍କା ପାଟିଲ ୪ଟି, ସୋଫି ମୋଲିନେକ୍ସ ୩ଟି ଓ ସୋବାନା ଆଶା ୨ଟି ଓ୍ଵିକେଟ୍ ନେଇଥିଲେ। ସୋଫି ମୋଲିନେକ୍ସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ ।

## ଇଣ୍ଡିଆ-ସେସେଲ୍ସ ଏକ୍ସରସାଇଜ୍

‘ଲାମିଟି-୨୦୨୪’ ର ଦଶମ ସଂସ୍କରଣ ଆଜିଠାରୁ ସେସେଲ୍ସ ଠାରେ ଆରମ୍ଭ ହେବ। ଏହା ଆସନ୍ତ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ସେନା ଏବଂ ସେସେଲ୍ସ ଡିଫେନ୍ସ ଫୋର୍ସ ଏସଡିଏଫ ମଧ୍ୟରେ ଚାଲିଥିବା ମିଳିତ ସାମରିକ ଅଭ୍ୟାସ ‘ଲାମିଟି-୨୦୨୪’ରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ ସେନା ଦଳ ଆଜି ସେସେଲ୍ସ ଅଭିମୁଖେ ଯାତ୍ରା କରିଛି। କ୍ରେଓଲ ଭାଷାରେ ‘ଲାମିଟିୟେ’ ଅର୍ଥ ‘ଫ୍ରେଣ୍ଡସିପ୍’ ଯାହାକି ଏକ ଦ୍ୱିବାର୍ଷିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ୨୦୦୧ ମସିହାରୁ ସେସେଲ୍ସରେ ଆୟୋଜିତ ହେଉଛି। ଏହି ଅଭ୍ୟାସରେ ଭାରତୀୟ ସେନା ଗୋର୍ଖା ରାଇଫଲ ଓ ଏସ୍‌ଡିଏଫ୍‌ର ୪୫ ଜଣ ଯବାନ ଅଂଶଗ୍ରହଣ କରିବେ । ଏହି ସମରାଭ୍ୟାସ ଶାନ୍ତି ରକ୍ଷା ଅଭିଯାନ ସମୟରେ ଉଭୟ ପକ୍ଷ ମଧ୍ୟରେ ପାରସ୍ପରିକ

ସହଯୋଗ ବୃଦ୍ଧି କରିବ। ଏହି ସମରାଭ୍ୟାସ ଦ୍ୱିପାକ୍ଷିକ ସାମରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ସହିତ ଉଭୟ ସେନା ମଧ୍ୟରେ ଦକ୍ଷତା, ଅଭିଜ୍ଞତା ଏବଂ ଉତ୍ତମ ଅଭ୍ୟାସ ଆଦାନପ୍ରଦାନ କରିବ।

## ଇସି ଅରୁଣାଚଳ ସିକିମ

ନିର୍ବାଚନ ଆୟୋଗ ଅରୁଣାଚଳ ପ୍ରଦେଶ ଓ ସିକିମ ବିଧାନସଭା ନିର୍ବାଚନର ଭୋଟ୍ ଗଣତି ତାରିଖରେ ପରିବର୍ତ୍ତନ କରିଛନ୍ତି। ଏ ସମ୍ପର୍କରେ ଆୟୋଗକଙ୍କ ପକ୍ଷରୁ ଦିଆଯାଇଥିବା ଏକ ବିବୃତିରେ କୁହାଯାଇଛି, ଏହି ଦୁଇଟି ରାଜ୍ୟର ବିଧାନସଭା ନିର୍ବାଚନ ଭୋଟ୍‌ଗଣତି ଜୁନ୍ ୪ ତାରିଖ ପରିବର୍ତ୍ତେ ୨ ତାରିଖରେ ଅନୁଷ୍ଠିତ ହେବ। ଗତକାଲି ସିକ୍କିମ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଅରୁଣାଚଳ ପ୍ରଦେଶର ରାଜ୍ୟ ବିଧାନସଭା ସମେତ ଲୋକସଭା ନିର୍ବାଚନ ଲାଗି ନିର୍ବାଚନ ଆୟୋଗ ନୂଆଦିଲ୍ଲୀ ଠାରେ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ୩୨ ଆସନ ବିଶିଷ୍ଟ ସିକ୍କିମ ବିଧାନସଭା ଏବଂ ୬୦ ଆସନ ବିଶିଷ୍ଟ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଲାଗି ଭୋଟ୍ ଗ୍ରହଣ ଏକକ ପର୍ଯ୍ୟାୟରେ ଏପ୍ରିଲ ୧୯ ତାରିଖରେ ଅନୁଷ୍ଠିତ

ହେବ। ଏଥିସହିତ ସେହି ଦିନ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ସେହିଭଳି ୧୭୫ ଆସନ ବିଶିଷ୍ଟ ଆନ୍ଧ୍ରପ୍ରଦେଶ ବିଧାନସଭା ଲାଗି ମତଦାନ ମେ’ ୧୩ ତାରିଖରେ ଏକକ ପର୍ଯ୍ୟାୟରେ କରାଯିବ। ଅନ୍ୟପକ୍ଷରେ ଓଡ଼ିଶା ବିଧାନସଭାର ୧୪୭ ଆସନ ଏବଂ ଲୋକସଭା ଆସନ ଲାଗି ୪ଟି ପର୍ଯ୍ୟାୟରେ ମତଦାନ ହେବ। ଓଡ଼ିଶାରେ ମେ’ ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ, ୨୫ରେ ତୃତୀୟ ପର୍ଯ୍ୟାୟ ଏବଂ ଜୁନ୍ ୧ ତାରିଖରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ।